BN-7

# ଫିଶିଙ୍ଗ୍ ଆଟାକ୍ ନିମନ୍ତେ ଗ୍ରାହକଙ୍କ ପାଇଁ ଆରବିଆଇ ର ଜରୁରୀ ସୂଚନା

- <u>ଭାରତୀୟ ରିଜର୍ଭବ୍ୟାଙ୍କ ଠାରୁ ଦାବି କରାଯାଉଥିବା ନକଲି ଇମେଲ ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ ।</u>

- ଭାରତୀୟ ରିଜର୍ଭବ୍ୟାଙ୍କର ଦୃଷ୍ଟିକୁ ଏହା ଆସିଅଛି ଯେ ଏହାର ପକ୍ଷରୁ ବ୍ୟାଙ୍କ ଗ୍ରାହକଙ୍କୁ ସେମାନଙ୍କ ଆକାଉଣ୍ଟ ସବିଶେଷ ବିବରଣୀ ଅପଡେଟ କରିବା ପାଇଁ ଆହ୍ୱାନ କରାଯାଉଛି ।

- ରିଜର୍ଭବ୍ୟାଙ୍କ ଏହା ସ୍ପଷ୍ଟ କରି ଦେବାକୁ ଚାହେଁ ଯେ ଏହା ପକ୍ଷରୁ ଏଭଳି କୌଣସି ଇମେଲ ପଠାଯାଏ ନାହିଁ । ରିଜର୍ଭ ବ୍ୟାଙ୍କ ବା ବ୍ୟାଙ୍କ କଦାପି କୌଣସି ଉଦ୍ଦେଶ୍ୟରେ ବ୍ୟାଙ୍କ ଆକାଉଣ୍ଟ ସବିଶେଷ ବିବରଣୀ ପ୍ରଦାନ ପାଇଁ ଯୋଗାଯୋଗ କରେ ନାହିଁ । **ଜନ ସାଧାରଣ ଏଭଳି ଇ–ମେଲ ପ୍ରତି ଧ୍ୟାନ ନଦେବା କିମ୍ବା ଯେକୌଣସି ଉଦ୍ଦେଶ୍ୟ ପାଇଁ ହେଉ ନା କାହିଁକି ନିଜର ବ୍ୟାଙ୍କ ଆକାଉଣ୍ଟର ବିବରଣୀ ନଦେବା ପାଇଁ ରିଜର୍ଭ ବ୍ୟାଙ୍କ ପରାମର୍ଶ ଦେଉଛନ୍ତି ।**

- ଠକ ସଂସ୍ଥାମାନେ ଜନସାଧାରଣଙ୍କୁ ପତ୍ର, ଇମେଲ୍, ମୋବାଇଲ୍ ଫୋନ୍, ଏସ୍ଏମ୍ଏସ୍ ଇତ୍ୟାଦି ଜରିଆରେ ତାଙ୍କର ଏହି ଅଫରକୁ ଗ୍ରହଣ କରିବା ପାଇଁ ଆକର୍ଷଣୀୟ ଅଫରମାନ ପଠାଇଥାନ୍ତି । ଏହି ଯୋଗାଯୋଗଗୁଡ଼ିକ ବେଳେବେଳେ ଲେଟରହେଡ୍ ଉପରେ / ୱେବ୍ସାଇଟ୍ ମାଧ୍ୟମରେ ପଠାଯାଇଥାଏ ଯେପରି ଭାରତୀୟ ରିଜର୍ଭ ବ୍ୟାଙ୍କ ପରି କିଛି ରାଷ୍ଟ୍ରାୟତ୍ତ କର୍ତ୍ତୃପକ୍ଷ ଏହାକୁ ଜାରି କରିଛନ୍ତି । ଏହି ଅଫର ଗୁଡ଼ିକରେ ସେହିସବୁ କର୍ତ୍ତୃପକ୍ଷଙ୍କର ବରିଷ୍ଠ ସ୍ଥାନୀୟ କାର୍ଯ୍ୟ ନିର୍ବାହୀ / ଅଧିକାରୀମାନେ ସ୍ୱାକ୍ଷର କରିଥାନ୍ତି । ପ୍ରାୟତଃ କେବଳ ଅଧିକାରୀମାନଙ୍କର ନାମ ସଠିକ୍ ଥାଏ କିନ୍ତୁ ସେମାନଙ୍କର ସ୍ୱାକ୍ଷରକୁ ଜାଲିଆତି କରାଯାଇଥାଏ । ଏହି ଅଫର କରାଯାଉଥିବା ନଥିପତ୍ରରେ ଆରବିଆଇ ଅଧିକାରୀଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ଯୋଗାଯୋଗର ସବିଶେଷ ଏଭଳି ଭାବରେ ରହିଥାଏ ଯେପରି ଭାରତୀୟ ରିଜର୍ଭ ବ୍ୟାଙ୍କ/ ରାଷ୍ଟ୍ରାୟତ୍ତ କର୍ତ୍ତୃପକ୍ଷଙ୍କର କିଛି ବିଭାଗ ସେଠାରେ କାର୍ଯ୍ୟ କରୁଛି । **ବିଦେଶରୁ ଅର୍ଥ ସମ୍ବନ୍ଧିତ ଏହିଭଳି କୌଣସି ଅଫର ବିଷୟ ପ୍ରତି ଆକୃଷ୍ଟ ନହେବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଜନସାଧାରଣଙ୍କୁ ସତର୍କ କରାଇ ଦେଉଛି ।**

- **କୌଣସି ଅଜଣା ସଂସ୍ଥା ପକ୍ଷରୁ ଏହିଭଳି ଯୋଜନା / ଅଫରରେ ଅଂଶଗ୍ରହଣ କରିବା ପାଇଁ କୌଣସି ପଇଠ ନ କରିବାକୁ ମଧ୍ୟ ଜନସାଧାରଣମାନଙ୍କୁ ସତର୍କ କରାଇ ଦିଆଯାଉଛି** ଯେହେତୁ ସେହିସବୁ ପଇଠଗୁଡ଼ିକ ବେଆଇନ୍ ଅଟେ ଏବଂ ଯଦି କୌଣସି ଭାରତୀୟ ନାଗରିକ ଏହିଭଳି ଅର୍ଥ ଆଦାୟ /ପ୍ରଦାନ କାରବାରରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଭାରତ ବାହାରେ ସଂପୃକ୍ତ ରହିଥାନ୍ତି ତେବେ ତାଙ୍କ ବିରୁଦ୍ଧରେ ବୈଦେଶିକ ବିନିମୟ ପରିଚାଳନା ଆଇନ୍ ୧୨୨୨ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହିଭଳି ଅଫରଗୁଡ଼ିକ ଭ୍ରମାତ୍ମକ ଏବଂ ଜନସାଧାରଣ ଏ ବିଷୟରେ ଜାଣିବା ପରେ ବା ଏହାର ଶୀକାର ହେଲେ ତୁରନ୍ତ ସ୍ଥାନୀୟ ପୋଲିସ୍ / ସାଇବର କ୍ରାଇମ୍ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିବା ଆବଶ୍ୟକ ।

- **ଯେକୌଣସି ନାମରେ ହେଉନା କାହିଁକି ଏବଂ ଏଭଳି ନକଲି ଯୋଗାଯୋଗ ପ୍ରତି ଅର୍ଥ ଆଦାୟ କରିବା ପାଇଁ ରିଜର୍ଭ ବ୍ୟାଙ୍କ କୌଣସି ପ୍ରକାର ଅର୍ଥ ଯୋଗାଡ଼ ପାଇଁ ସ୍ୱୀକୃତି ପ୍ରଦାନ କରେ ନାହିଁ କିମ୍ବା ଏଥିପାଇଁ ଦାୟୀ ରହିବ ନାହିଁ ।**

Validity : Permanent
Ver : BN7_V1.0_Sep11

ଏଚ୍ ଡି ଏଫ୍ ସି ବ୍ୟାଙ୍କ
ଆମେ ବୁଝୁ ଆପଣଙ୍କ ଦୁନିଆ